# ଆନ୍ତର୍ଜାତିକ ସେମିନାରରେ ଝୁରିମାଲର ସାମୂହିକ ନୂଆଁଖାଇ ପ୍ରଦର୍ଶିତ



ସୁନ୍ଦରଗଡ଼,୪।୧୨(ସମିସ): ଆନ୍ତର୍ଜାତିକ ସେମିନାର କମ୍ୟୁନିଟି କନଫରେନସ୍ ଅଫ କମନ୍ସରେ ବୁଧବାର ଲେଫ୍ରିପଡ଼ା ବ୍ଲକ ଝୁରିମାଲ ଗ୍ରାମର ସାମୂହିକ ନୂଆଁଖାଇ ପ୍ରଦର୍ଶିତ ହୋଇଛି। ଏହି ସେମିନାରରେ ଭାରତର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସହିତ ବାଂଲାଦେଶ, ମାଲେସିୟା, ସ୍ପେନ୍, କାରଜାଗିସ୍ଥାନ୍ ପରି ବିଦେଶ ମାଟିରେ ହଜାର ହଜାର ସଂଖ୍ୟାରେ ଲୋକ ଝୁରିମାଲ ଗ୍ରାମର ଏକତା ଓ ସହଭାଗିତାର ବିରଳ ପରମ୍ପରାକ ଏକା ସାଙ୍ଗରେ ଦେଖିଥିଲେ। ସ୍ୱେଛାସେବୀ ଅନୁଷ୍ଠାନ ସେବକର ସହଯୋଗରେ ଭାର୍ଚୁଆଲ୍ ମୋଡ୍‌ରେ ଦିଗାମ୍ବର ଉପାଧ୍ୟାୟ ଓ ଘଟେଶ୍ୱର୍ ଛୁରାଙ୍କ ନେତୃତ୍ୱରେ ଗାଁ'ର ଅନନ୍ୟ ଅଭିନବ ପରମ୍ପରାର ବଳିଷ୍ଠ ଉପସ୍ଥାପନା ଝୁରିମାଲ୍ ଗ୍ରାମବାସୀ କରିଥିଲେ। ୨୦ ମିନିଟ୍‌ର ଏହି ଉପସ୍ଥାପନା ଶେଷରେ ଆୟୋଜକମାନେ ଝୁରିମାଲ ଗ୍ରାମବାସୀଙ୍କୁ ପ୍ରଶଂସା କରିଥିଲେ। ପୁରାତନ ସଂସ୍କୃତି ଓ ପରମ୍ପରାକୁ କେତେ ସୁନ୍ଦର ଭାବରେ ଏକ ଛୋଟ ଗାଁ ବଞ୍ଚାଇ ରଖିଛି, ତାର ନିଚ୍ଛକ ଚିତ୍ର ଦେଖିଥିଲେ। ଭାର୍ଚୁଆଲ୍ ମୋଡ଼ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେବକ ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ପୁରାତନ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବାରେ ଝୁରିମାଲ ଗ୍ରାମବାସୀଙ୍କ ଏହି ପ୍ରୟାସ ଅନନ୍ୟ ଓ ଅତୁଳନୀୟ। ଏହା ଅନ୍ୟ ଗାଁ ପାଇଁ ଏକ ସକାରାତ୍ମକ ବାର୍ତା ଦେବା ସହ ଆମର ଐତିହ, ସଂସ୍କୃତିକୁ ବଂଚାଇ ରଖି। ଜଳ, ଜମି, ଜଙ୍ଗଲକୁ ସୁରକ୍ଷା କରିବା ନିମନ୍ତେ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ଝୁରିମାଲ ଗ୍ରାମର ସାମୂହିକ ନୂଆଁଖାଇ' ହେଉଛି ସବୁଠୁ ନିଆରା। ନୂଆଁଖାଇ ପରି ଏକ ଗଣପର୍ବକୁ ସାମୁହିକ ଭାବରେ ଏକା ସାଙ୍ଗେରେ ଗାଁର ପ୍ରତ୍ୟେକ ପରିବାର ଦୀର୍ଘ ୧୨ ବର୍ଷ ଧରି ସାମୂହିକ ନୂଆଁଖାଇ ପାଳନ କରିବାର ଅଭିନବ ପରମ୍ପରା ପ୍ରକୃତପକ୍ଷେ ଅଭିନବ ତଥା ଦୃଷ୍ଟାନ୍ତ ମୂଳକ ପଦକ୍ଷେପ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ବରିଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ତଥା ଝୁରିମାଲ ସାମୁହିକ ନୂଆଁଖାଇର ମୁଖ୍ୟ ଉଦ୍ୟୋକ୍ତା ଦିଗାମ୍ବର ଉପାଧ୍ୟାୟଙ୍କ ଲିଖିତ ବାସ୍ତବ କାହାଣୀ 'ପରମ୍ପରା ରକ୍ଷା ଓ ଏକାତ୍ମତା ପୋଷଣ ଝୁରିମାଲର ସାମୂହିକ ନୁଆଖାଇ : ଓଡିଶାର ହୃଦୟସ୍ଥଳୀରେ ଏକତା, ଐତିହ୍ୟ ଏବଂ ସମ୍ପ୍ରୀତିର ଉତ୍ସବ' ଶୀର୍ଷକକୁ ଏକ ଆନ୍ତର୍ଜ୍ୟାତୀୟ ସେମିନାରରେ ପ୍ରଦର୍ଶିତ କରିବା ପାଇଁ ଚୟନ କରାଯାଇଥିଲା।